ଗ୍ରାମୀଣ ବାଳିକାଙ୍କୁ ଜେଏସ୍‌ପିଏଲ ଫାଉଣ୍ଡେସନ ଦ୍ୱାରା ସ୍ୱୟଂପ୍ରଭା ସମ୍ମାନ ପ୍ରଦାନ

ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ



ରକ୍ତହୀନତାରୁ ସୁସ୍ଥ ହେବା ସହ ଶିକ୍ଷା ତଥା ଅନ୍ୟାନ୍ୟ ଅତିରିକ୍ତ ପାଠ୍ୟକ୍ରମ ଗତବିଧିରେ ସଫଳତାର ଏକ ଦୃଷ୍ଟାନ୍ତ ଭାବେ ପରିଚୟ ପାଇଥିବା ଦୁଇ ଜଣ ଗ୍ରାମୀଣ କିଶୋରୀଙ୍କୁ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଜେଏସପିଏଲ ଫାଉଣ୍ଡେସନ ତା'ର ସ୍ୱୟଂପ୍ରଭା ସମ୍ମାନ ପ୍ରଦାନ କରିଛି। ଏହି ଅବସରରେ ଅନୁଗୁଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଶତପଥୀ, ସୁଶ୍ରୀ ଆଦ୍ୟାସା ମହାପାତ୍ର ଏବଂ ସୁଶ୍ରୀ ପ୍ରିୟଦର୍ଶିନୀ ପରିଡାଙ୍କୁ ସ୍ୱୟଂପ୍ରଭା ସମ୍ମାନରେ ସମ୍ମାନିତ କରିଥିଲେ। କିଶୋରୀ ମାନଙ୍କ ମଧ୍ୟରେ ରକ୍ତହୀନତା ଦୂରୀକରଣ ନିମନ୍ତେ ନିଆ ଯାଇଥିବା ନିଆରା ପଦକ୍ଷେପ, କିଶୋରୀ ଏକ୍ସପ୍ରେସ ଦ୍ୱାରା ଏକଦା ଚିହ୍ନଟ କରାଯାଇଥିବା ଗମ୍ଭୀର ରକ୍ତହୀନତାର ଶିକାର ହୋଇଥିବା ଏହି ଦୁଇ ବାଳିକା ଆଜି ଖାଲି ଯେ ସେମାନେ ନିଜ ନିଜର ରକ୍ତ ହୀନତା ଏବଂ କୁପୋଷାଣ କବଳରୁ ରକ୍ଷା ପାଇପାରିଛନ୍ତି, ତାହା ନୁହେଁ, ଆଜି ସେମାନେ ଅନ୍ୟମାନେ ଯେ କିପରି ଏହି ରକ୍ତହୀନତାରୁ ଦୂରେଇ ରହି ପାରିବେ, ସେଥି ସମ୍ବନ୍ଧୀୟ ସଚେତନତାର ବାର୍ତ୍ତା ନିଜ ସହ ପାଠୀ, ଗ୍ରାମ ଏବଂ ସମାଜରେ ପ୍ରସାର କରୁଛନ୍ତି। ଏହି ଶୁଭ ଅବସରରେ ଜେଏସପିଏଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ତାଙ୍କ ବାର୍ତ୍ତା ମାଧ୍ୟମରେ ଏହି ଦୁଇ ବାଳିକାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ଆଗାମୀ ଦିନରେ ଯେ କିପରି, ନିଜ ନିଜର ସ୍ୱାସ୍ଥ୍ୟର ଉଚିତ ଯତ୍ନ ନେବା ସହ ଶିକ୍ଷା ତଥା ଅତିରିକ୍ତ ପାଠ୍ୟକ୍ରମ ଗତବିଧିରେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଜେଏସପିଏଲ ଫାଉଣ୍ଡେସନ ଦ୍ୱାରା ସ୍ୱତନ୍ତ୍ର ଭାବେ ନିର୍ମିତ ତଥା କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ କିଶୋରୀ ଏକ୍ସପ୍ରେସ ଯାନଟି ଅନୁଗୁଳ ଜିଲ୍ଲାର ବନରପାଳ ଏବଂ ଅନୁଗୁଳ ବ୍ଲକର ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଖାଲି ଯେ କିଶୋରୀ ମାନଙ୍କ ହେମୋଗ୍ଲୋବିନ ପରୀକ୍ଷା କରିଥାଏ, ତାହା ନୁହେଁ କିଶୋରୀ ମାନେ ଯେ କିପରି ଏଥିରୁ ସୁରକ୍ଷିତ ରହିବା ସହ ଏକ ସୁସ୍ଥ ଜୀବନ ଯାପନ କରିପାରିବେ, ସେଥି ନିମନ୍ତେ ଆଇସିଡିଏସ, ଏନଏଚଏମ, ଶିକ୍ଷା ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହ-ଭାଗୀତାରେ ସେମାନଙ୍କୁ ଉଚିତ ପରାମର୍ଶ ପ୍ରଦାନ କରୁଅଛି । ୨୦୧୧ ମସିହା ଠାରୁ ଆରମ୍ଭ କରାଯାଇଥିବା ଏହି କିଶୋରୀ ଏକ୍ସପ୍ରେସ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ଅନୁଗୁଳ ଜିଲ୍ଲାର ବନରପାଳ ଅନୁଗୁଳ ଏବଂ ଛେଣ୍ଡିପଦା ବ୍ଲକର ୧୬ ଲକ୍ଷରୁ ଉର୍ଦ୍ଧ୍ୱ କିଶୋରୀ ବାଳିକାଙ୍କୁ ସେବା ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେମାନେ କିପରି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ସାନିଟାରୀ ନାପକିନର ବ୍ୟବହାର କରିବେ, ସେଥି ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରୁଅଛି ।